# NATIONAL NEWS BULLETIN (ODIA)

## 3 March - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ନିରନ୍ତର ଆର୍ଥିକ ଅଭିବୃଦ୍ଧି ଏବଂ ଏହାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆଜି ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- ସାମ୍ପ୍ରତିକ ପଶ୍ଚିମ ଏସିଆ ସ୍ଥିତି ନେଇ ବିଭିନ୍ନ ରାଷ୍ଟ୍ରର ମୁଖ୍ୟଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଟେଲିଫୋନ୍ ମାଧ୍ୟମରେ କଥାବାର୍ତ୍ତା ।
- ଭାରତୀୟଙ୍କୁ ସ୍ୱଦେଶ ଫେରାଇବା ଲକ୍ଷ୍ୟ ନେଇ ଗତ ରାତିରୁ ଦୁବାଇ ଓ ଆବୁଧାବିରୁ ଆରମ୍ଭ ହୋଇଛି ବିମାନ ସେବା ।
- ନୂଆଦିଲ୍ଲୀରେ ଆସନ୍ତାମାସ ୧୬ ତାରିଖରୁ ଆରମ୍ଭ ହେବ ଦୁଇ ଦିନିଆ ଭାରତ ଇସ୍ପାତ୍ ୨୦୨୬ ଶିଖର ସମ୍ମିଳନୀ ।

ଏବଂ

- ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ରେ ଭାରତ ଆଜି ଆରମ୍ଭ କରିବ ଅଭିଯାନ ।

# ପିଏମ୍‌-ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିରନ୍ତର ଆର୍ଥିକ ଅଭିବୃଦ୍ଧି ଏବଂ ଏହାକୁ ସୁଦୃଢ଼ କରିବା ପ୍ରସଙ୍ଗ ଆଧାରିତ ବଜେଟ୍‌ ପରବର୍ତ୍ତୀ ୱେବିନାରକୁ ଆଜି ସମ୍ବୋଧନ କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦେଇଥିବା ସୂଚନା ଅନୁଯାୟୀ ଏଭଳି ଆଲୋଚନା ଶିଳ୍ପ କ୍ଷେତ୍ରକୁ ବ୍ୟାପକ କରିବା ସହିତ ପ୍ରଯୁକ୍ତିବିଦ୍ୟା ନେତୃତ୍ୱକୁ ଅଧିକ ସଶକ୍ତ କରିବ । ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଗତିଶୀଳ କରିବା ସହିତ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଗୁଡ଼ିକ ନେଇ ଏକ ରୂପରେଖା ପ୍ରସ୍ତୁତ କରାଯାଇପାରିବ । ବଜେଟ୍‌ରେ ପ୍ରାଥମିକତା ପ୍ରଦାନ କରାଯାଇଥିବା କ୍ଷେତ୍ରଗୁଡ଼ିକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟାନ୍ୱୟନ ନେଇ ୱେବିନାରରେ ପ୍ରଧାନମନ୍ତ୍ରୀ ମାର୍ଗଦର୍ଶନ କରିବେ । ଏଥିରେ ଶିଳ୍ପ କ୍ଷେତ୍ରର ପ୍ରତିନିଧିଙ୍କ ସମେତ ବିଭିନ୍ନ କ୍ଷେତ୍ରର ଅଂଶିଦାର, ସରକାରୀ ଅଧିକାରୀ ପ୍ରମୁଖ ଯୋଗଦେବେ ।

# ପିଏମ୍‌-ୱେଷ୍ଟ ଏସିଆ

ସାମ୍ପ୍ରତିକ ପଶ୍ଚିମ ଏସିଆ ସ୍ଥିତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଉଦି ଆରବ ଯୁବରାଜ ତଥା ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ସଲମାନଙ୍କ ସହ ଆଲୋଚନା କରିଛନ୍ତି । ସାଉଦି ଆରବ ଉପରେ ଆକ୍ରମଣକୁ ଶ୍ରୀ

ମୋଦୀ ନିନ୍ଦା କରିବା ସହ ଏହାକୁ ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାର ଉଲ୍ଲଙ୍ଘନ ବୋଲି ବର୍ଣ୍ଣନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ପୁନଃ ସ୍ଥାପନ ନେଇ ଉଭୟ ପକ୍ଷ ସହମତ ହୋଇଛନ୍ତି । ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ଭାରତୀୟ ସମ୍ପ୍ରଦାୟଙ୍କ ପ୍ରତି ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଥିବାରୁ ଶ୍ରୀ ମୋଦୀ ତାଙ୍କ ପ୍ରତିପକ୍ଷ ଶ୍ରୀ ସଲମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ବାହାରିନ୍‌ର ରାଜା ହମାଦ୍ ବିନ୍ ଇଶା ଅଲ୍ ଖଲିପାଙ୍କ ସହ ମଧ୍ୟ ଶ୍ରୀ ମୋଦୀ ଟେଲିଫୋନ୍ ମାଧ୍ୟମରେ ଆଲୋଚନା କରିଛନ୍ତି । ବାହାରିନ୍ ଉପରେ ଆକ୍ରମଣକୁ ଶ୍ରୀ ମୋଦୀ ନିନ୍ଦା କରିବା ସହ ବାହାରିନ୍ ପ୍ରତି ସମର୍ଥନ ଜ୍ଞାପନ କରିଛନ୍ତି । ଭାରତୀୟ ସମ୍ପ୍ରଦାୟଙ୍କୁ ସମର୍ଥନ ଯୋଗାଇ ଦେଇଥିବାରୁ ବାହାରିନ୍ ରାଜାଙ୍କୁ ଶ୍ରୀ ମୋଦୀ ଧନ୍ୟବାଦ ଅର୍ପଣ କରିଛନ୍ତି ।

ଜୋର୍ଡ଼ାନର ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ ମଧ୍ୟ କଥାବାର୍ତ୍ତା ବେଳେ ସେଠାକାର ଭାରତୀୟ ସମ୍ପ୍ରଦାୟଙ୍କୁ ସହଯୋଗ ପ୍ରଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଜୋର୍ଡ଼ାନ୍‌ରେ ଶାନ୍ତି, ସୁରକ୍ଷା ଏବଂ ଜନମଙ୍ଗଳ ପାଇଁ ଭାରତ ସମର୍ଥନ ଜ୍ଞାପନ କରୁଛି ବୋଲି ପ୍ରଧାନମନ୍ତ୍ରୀ ଆଲୋଚନାକାଳରେ ରାଜା ଅବଦୁଲ୍ଲାଙ୍କୁ କହିଛନ୍ତି । ବିଭିନ୍ନ ପ୍ରଭାବିତ ରାଷ୍ଟ୍ର ମୁଖ୍ୟଙ୍କ ସହ ଆଲୋଚନା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି – **V/O-1-PM---WEST-ASIA-CONFLICT**

## ଦୁବାଇ ଫ୍ଲାଟ୍

ଦୁବାଇ ଓ ଆବୁଧାବିରୁ ଭାରତକୁ ବିମାନ ଚଳାଚଳ ପୁନର୍ବାର ଆରମ୍ଭ ହୋଇଛି । ପଶ୍ଚିମ ଏସିଆ କ୍ଷେତ୍ରରେ ସଂଘର୍ଷ ଯୋଗୁଁ ୟୁ.ଏ.ଇ.ରେ ଅଟକି ରହିଥିବା ଭାରତୀୟଙ୍କୁ ଫେରାଇ ଆଣିବା ଲକ୍ଷ୍ୟ ନେଇ ଗତ ରାତିରୁ ଏହି ବିମାନ ଚଳାଚଳ ଆରମ୍ଭ ହୋଇଛି । ଦିଲ୍ଲୀ, ମୁମ୍ବାଇ ଏବଂ ବେଙ୍ଗାଲୁରୁକୁ ବିମାନ ଉଡ଼ାଣ କରିଛି । ଦୁବାଇ ଗଣମାଧ୍ୟମ କାର୍ଯ୍ୟାଳୟ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛି, ଦୁବାଇ ବିମାନ ବନ୍ଦରରୁ ଗତ ସନ୍ଧ୍ୟାରେ ସୀମିତ ବିମାନ ଚଳାଚଳ ପୁନଃ ଆରମ୍ଭ କରାଯାଇଛି । ଦୁବାଇ ଇଣ୍ଟରନ୍ୟାସନାଲ୍ ଏବଂ ଦୁବାଇ ଓ୍ୱାର୍ଲ୍ଡ ସେଣ୍ଟର – ଅଲ୍ ମକତୁମ୍ ଇଣ୍ଟରନ୍ୟାସନାଲ୍‌ରୁ ଅଳ୍ପ ସଂଖ୍ୟକ ବିମାନ ଚଳାଚଳ ପାଇଁ ଅନୁମତି ପ୍ରଦାନ କରାଯାଇଛି । ବିମାନ ସେବା ଉପଲବ୍ଧ କରିବା ପାଇଁ ସମ୍ପୃକ୍ତ ସେବା ଯୋଗାଣକାରୀ କମ୍ପାନୀ ସହିତ ସିଧାସଳଖ ଯୋଗାଯୋଗ କରିବାକୁ ଦୁବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଏଭିଏସନ୍-ଫ୍ଲାଟ୍ କ୍ୟାନସଲ୍

ପଶ୍ଚିମ ଏସିଆରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ୩୫୭ଟି ବିମାନ ଉଡ଼ାଣକୁ ବାତିଲ କରାଯାଇଥିବା ବେସାମରିକ ବିମାନ ଚଳାଚଳ

ମନ୍ତ୍ରଣାଳୟ କହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ କହିଛି, ଯାତ୍ରୀଙ୍କ ସୁରକ୍ଷିତ ଗସ୍ତକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ଗ୍ରହଣ କରାଯିବା ସହ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଯାତ୍ରୀଙ୍କ ଅଭିଯୋଗକୁ ପ୍ରାଥମିକତା ଭିତ୍ତିରେ ତୁରନ୍ତ ସମାଧାନ କରିବା ଲକ୍ଷ୍ୟ ନେଇ ଯାତ୍ରୀ ସହାୟତା ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ସହଯୋଗ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରଣାଳୟ କହିଛି ।

ଏୟାର୍ ସେବା, ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ଏବଂ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ମାଧ୍ୟମରେ ୫୫୯ଟି ଅଭିଯୋଗର ଇତିମଧ୍ୟରେ ସମାଧାନ କରାଯାଇଛି । ବିମାନ ସେବା ପ୍ରଦାନକାରୀ କମ୍ପାନୀ ଏବଂ ସମ୍ପୃକ୍ତ ଅଂଶିଦାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ତେବେ ଉଡ଼ାଣ ବାତିଲ କିମ୍ବା ପୁନଃ ସମୟ ନିର୍ଘଣ୍ଟ ସ୍ଥିର ସମ୍ପର୍କରେ ସରକାରୀ ତଥା ବିମାନ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ଠାରୁ ସୂଚନା ସଂଗ୍ରହ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି ।

## ଭାରତ ଷ୍ଟିଲ୍ ସମିଟ୍

ନୂଆଦିଲ୍ଲୀରେ ଆସନ୍ତା ମାସ ୧୬ ତାରିଖରୁ ଭାରତ ଇସ୍ପାତ ୨୦୨୬ ଶିଖର ସମ୍ମିଳନୀ ଆରମ୍ଭ ହେବ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ

ଇସ୍ପାତ୍, ପ୍ରଯୁକ୍ତିବିଦ୍ୟା, ଖଣି ଓ ବାଣିଜ୍ୟ ଉଦ୍ୟୋଗର ପ୍ରମୁଖ ଅଂଶିଦାର ଯୋଗଦେବେ । ପରବର୍ତ୍ତୀ ପିଢ଼ି ଇସ୍ପାତ୍ ଇକୋ ସିଷ୍ଟମ୍ ସୃଷ୍ଟି ନେଇ ସମ୍ମିଳନୀରେ ମତବିନିମୟ ହେବାର କାର୍ଯ୍ୟସୂଚୀ ରହିଛି । ଇସ୍ପାତ୍‌ର ଭବିଷ୍ୟତକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ନୀତି ପ୍ରସ୍ତୁତି ଏବଂ ବ୍ୟାବସାୟିକ ଦୃଷ୍ଟିକୋଣକୁ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ବୋଲି କୁହାଯାଇଛି । ନୂଆଦିଲ୍ଲୀ ଠାରେ ରାଷ୍ଟ୍ରଦୂତମାନଙ୍କ ସହ ପାରସ୍ପରିକ ଆଲୋଚନା ଅଧିବେଶନକୁ ସମ୍ବୋଧନ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ସୁଧାକର ଦଲେଲା କହିଛନ୍ତି, ଏହି ଶିଖର ସମ୍ମିଳନୀ ଦେଶର ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହନ ପ୍ରଦାନ କରିବ ।

## ନ୍ୟୁ କାଜୁଆଲ୍‌ଟି-ୱେଷ୍ଟ ଏସିଆ

ଇରାନ୍ ଉପରେ ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ୫୫୫ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ଆନ୍ତର୍ଜାତିକ ସ୍ୱାଚ୍ଛାସେବୀ ସଂଗଠନ ରେଡ୍ କ୍ରିସେନ୍ କହିଛି । ମିନାବ୍‌ରେ ଏକ ପ୍ରାଥମିକ ବାଳିକା ବିଦ୍ୟାଳୟ ଉପରେ ହୋଇଥିବା ଆକ୍ରମଣରେ ୧୮୦ ଜଣ ପିଲାଙ୍କର ମୃତ୍ୟୁ ହୋଇଛି । ଇରାନ୍‌ର ସରକାରୀ ଗଣମାଧ୍ୟମ ଦେଇଥିବା ରିପୋର୍ଟ୍ ଅନୁଯାୟୀ ଆକ୍ରମଣରେ ସର୍ବୋଚ୍ଚ ନେତା ଅଲି ଖାମେନେଇଙ୍କର ପତ୍ନୀ ମଧ୍ୟ ଆହତ ହୋଇଛନ୍ତି । ଇସ୍ରାଏଲ୍‌ରେ ଇରାନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର

ଆକ୍ରମଣରେ ୯ ଜଣ ପ୍ରାଣ ହରାଇବା ସହ ୨୦ରୁ ଅଧିକ ଆହତ ହୋଇଛନ୍ତି ।

ଇସ୍ରାଏଲ୍ ବାୟୁସେନା କହିଛି, ଏହି ମିଳିତ ଅଭିଯାନରେ ଇରାନ୍‌ର ୩୧ଟି ପ୍ରଦେଶ ମଧ୍ୟରୁ ୨୪ଟିରେ ୧୨୦୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ବାହାରିନ୍, ଇରାକ୍, ଜୋର୍ଡ଼ାନ୍, କୁଏତ୍, ଓମାନ୍, କତାର, ସାଉଦିଆରବ ଏବଂ ସଂଯୁକ୍ତ ଆରବ ଏମିରେଟସ୍ ସମେତ ୯ଟି ଦେଶ ଉପରେ  ଇରାନ୍ ଆକ୍ରମଣ କରିଥିବା ଇସ୍ରାଏଲ୍ ବାୟୁସେନା କହିଛି ।

ଏହି ଆକ୍ରମଣରେ କୁଏତ୍‌ରେ ୪ ଜଣ ଆମେରିକୀୟ ସୈନିକଙ୍କର ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି । ବାହାରିନ୍‌ର ସଲମାନ୍ ଶିଳ୍ପ ନଗରୀରେ ଏକ ଜାହାଜ ଉପରେ କ୍ଷେପଣାସ୍ତ୍ରର ଭଗ୍ନାବଶେଷ ପଡ଼ିବାରୁ ଜଣେ ଏସୀୟ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ଇରାକୀ ଗଣମାଧ୍ୟମ ଦେଇଥିବା ସୂଚନା ଅନୁଯାୟୀ ଇରାନ୍ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ହେବା ସହ ୫ ଜଣ ଆହତ ହୋଇଛନ୍ତି । କୁଏତ୍‌ର ଆନ୍ତର୍ଜାତିକ ବିମାନ ବନ୍ଦର ଉପରେ ଡ୍ରୋନ୍ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହେବା ସହ ୩୨ ଜଣ ଆହତ ହୋଇଛନ୍ତି ।

ଇସ୍ରାଏଲ୍ ଉପରେ ହିଜ୍‌ବୁଲାର କ୍ଷେପଣାସ୍ତ୍ର ଆକ୍ରମଣର ପ୍ରତିଉତ୍ତରରେ ଲେବାନନ୍‌ରେ ଆକ୍ରମଣ ଯୋଗୁଁ ୫୨ ଜଣଙ୍କର ମୃତ୍ୟୁ ହେବା ସହ ୧୫୪ ଜଣ ଆହତ ହୋଇଛନ୍ତି । ଲେବାନନ୍ ସାମରିକ ୱିଙ୍ଗ୍

କମାଣ୍ଡର ମଧ୍ୟ ନିହତ ହୋଇଥିବା ସୂଚନା ମିଳିଛି । ଇସ୍ରାଏଲ୍ କହିଛି, ବେରୁଟ୍‌ରେ ହୋଇଥିବା ଆକ୍ରମଣରେ ହିଜ୍‌ବୁଲାର ଗୁଇନ୍ଦା ମୁଖ୍ୟ ହୁସେନ ମାକ୍‌ଲେଦ୍‌ଙ୍କର ମୃତ୍ୟୁ ହୋଇଛି ।

ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ କହିଛି, କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ମଧ୍ୟପ୍ରାଚ୍ୟରେ ଦୁଇ ଜଣ ବାଂଲାଦେଶୀ ପ୍ରାଣ ହରାଇବା ସହ ୭ ଜଣ ଆହତ ହୋଇଛନ୍ତି । ୟୁ.ଏ.ଇ.ରେ ଏବଂ ଆବୁଧାବିର ଜାଏଦ୍ ଆନ୍ତର୍ଜାତିକ ବିମାନ ବନ୍ଦର ନିକଟରେ କ୍ଷେପଣାସ୍ତ୍ରର ଭଗ୍ନାବଶେଷ ପଡ଼ି ଜଣେ ପାକିସ୍ତାନୀ ନାଗରୀଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ହେବା ସହ ୫୮ ଜଣ ଆହତ ହୋଇଛନ୍ତି ।

## ପୁରି-ଅଲ୍ ରିଭ୍ୟୁ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରି କହିଛନ୍ତି, ପଶ୍ଚିମ ଏସିଆ ପରିସ୍ଥିତି ଉପରେ ସରକାର ନିରନ୍ତର ନଜର ରଖିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପୁରି କହିଛନ୍ତି, ଦେଶରେ ପ୍ରମୁଖ ପେଟ୍ରୋଲିୟମ୍ ଉତ୍ପାଦ ଗୁଡ଼ିକର ଉପଲବ୍ଧତା ଏବଂ ସୁଲଭତାକୁ ସୁନିଶ୍ଚିତ କରିବା ନେଇ ସରକାର ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଅଶୋଧିତ ତୈଳ, ଏଲ୍.ପି.ଜି. ଏବଂ

ଅନ୍ୟାନ୍ୟ ପେଟ୍ରୋଲିୟମ୍ ଉତ୍ପାଦର ଯୋଗାଣ ସ୍ଥିତି ନେଇ ଅଧିକାରୀ ସ୍ତରୀୟ ସମୀକ୍ଷା କରାଯାଇଥିବା ଶ୍ରୀ ପୁରି ସୂଚନା ଦେଇଛନ୍ତି ।

## ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍

ବର୍ମିଂହାମ୍‌ଠାରେ ୨୦୨୬ ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ରେ ସମସ୍ତ ୫ଟି ବିଭାଗରେ ଭାରତ ଆଜି ତାର ଅଭିଯାନ ଆରମ୍ଭ କରିବ । ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ୧୨ ଜଣିଆ ଦଳ ଅଂଶଗ୍ରହଣ କରୁଛନ୍ତି । ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତି ନେଇ ଉପସାଗରୀୟ ଆକାଶପଥ ବନ୍ଦ ହେବା ଯୋଗୁଁ ପି.ଭି. ସିନ୍ଧୁ ଦୁବାଇରେ ଅଟକି ରହିଛନ୍ତି । ଫଳରେ ଏହି ଟୁର୍ଣ୍ଣାମେଣ୍ଟରୁ ସେ ବଞ୍ଚିତ ହେବେ ।

ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ ପ୍ରଥମ ରାଉଣ୍ଡରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ପୂର୍ବତନ ବିଜେତା ଚୀନ୍‌ର ସି ୟୁ କ୍ୱି’ଙ୍କ ସହ ମ୍ୟାଚ୍ ଖେଳିବେ । ମହିଳା ଏକକ ବର୍ଗରେ ମାଳବିକା ବଂଶୋଦ ତାଙ୍କର ପ୍ରଥମ ରାଉଣ୍ଡ ମ୍ୟାଚ୍‌କୁ ଡ୍ର’ ରଖିବାକୁ ସକ୍ଷମ ହୋଇଥିବା ବେଳେ ଉନ୍ନତି ହୁଡା ଥାଇଲାଣ୍ଡ ପ୍ରତିପକ୍ଷଙ୍କ ସହ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି । ମହିଳା ଡବଲ୍ସ ବର୍ଗରେ ତ୍ରୀସା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ ଜାପାନ୍ ପ୍ରତିପକ୍ଷଙ୍କ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବେ । ଧ୍ରୁବ କପିଲା ଏବଂ ତନିଶା କ୍ରାଷ୍ଟୋଙ୍କ ମିଳିତ ଯୋଡ଼ି ମାଲେସିଆ ପ୍ରତିପକ୍ଷଙ୍କ ବିରୁଦ୍ଧରେ ମ୍ୟାଚ୍

ଖେଳିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀଙ୍କ ପୁରୁଷ ଡବଲ୍ସ ଯୋଡ଼ି ଆସନ୍ତାକାଲି ମାଲେସିଆର କାଙ୍ଗ୍ ହାଇ ଜିଙ୍ଗ୍ ଏବଂ ଆରୋନ୍ ଚାଇଙ୍କ ବିରୁଦ୍ଧରେ ମ୍ୟାଚ୍ ଖେଳିବେ ।